# NATIONAL NEWS BULLETIN (ODIA)

## 28 April - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶକୁ ଆଜିଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ୬ହଜାର ୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍ ଗ୍ରହଣ ।
- କିର୍‌ଗିଜ୍‌ସ୍ତାନ ଠାରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗଦେବେ ପ୍ରତିରକ୍ଷା ମନ୍ତ୍ରୀ ।
- ହର୍ମୁଜ୍ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଇରାନ୍ ପକ୍ଷରୁ କୂଟନୈତିକ ପ୍ରୟାସ ଜାରି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୯ ଓ୍ୱିକେଟ୍‌ରେ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପିଏମ୍‌-ବାରାଣସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶରକୁ ଦୁଇଦିନିଆ ଗସ୍ତରେ ଯିବେ । ବାରାଣସୀ ଠାରେ ସନ୍ଧ୍ୟାରେ ଏକ ମହିଳା ସମ୍ମିଳନୀ ଅଂଶଗ୍ରହଣ କରିବା ସହିତ ପ୍ରାୟ ୬ହଜାର ୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରେଳ, ସଡ଼କ, ଜଳ, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ସହରାଞ୍ଚଳ ଭିତ୍ତିଭୂମି ଆଦି ପ୍ରମୁଖ କ୍ଷେତ୍ର ଅନ୍ତର୍ଭୁକ୍ତ । ଦୁଇଟି ନୂତନ ଅମୃତଭାରତ ଏକ୍ସପ୍ରେସ୍ ଟେ୍ନ୍ ଚଳାଚଳର ଶ୍ରୀ ମୋଦୀ ଶୁଭାରମ୍ଭ କରିବା ସହ ଗଙ୍ଗାନଦୀ ଉପରେ ଏକ ରେଳ ସଡ଼କ ସେତୁ ନିର୍ମାଣର ଶିଳାନ୍ୟାସ କରିବେ ।

ବାରାଣସୀ-ପଣ୍ଡିତ ଦିନ୍‌ଦୟାଲ୍ ଉପାଧ୍ୟାୟ ଜଙ୍କସନ୍ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ୍ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ଅବସରରେ ଶ୍ରୀ ମୋଦୀ ଆସନ୍ତାକାଲି ବାରାଣସୀର ଶ୍ରୀ କାଶି ବିଶ୍ୱନାଥ ମନ୍ଦିରରେ ଦର୍ଶନ ଓ ପୂଜା କରିବେ । ଏହା ପରେ ହର୍‌ଦୋଇ ଠାରେ ଗଙ୍ଗା ଏକ୍ସପ୍ରେସ୍‌ୱେର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

୫୯୪ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଏହି ଗ୍ରୀନ୍‌ଫିଲ୍ଡ ଦ୍ରୁତଗାମୀ କରିଡ଼ର ପାଇଁ ମୋଟ୍ ୩୬ ହଜାର କୋଟିରୁ ଅଧିକ ଅର୍ଥ ବ୍ୟୟ ହୋଇଛି ।

# ପିଏମ୍-ସିକ୍କିମ୍ ଭିଜିଟ୍

ଗ୍ୟାଙ୍ଗ୍‌ଟକ୍‌ର ପାଲ୍‌ଜୋର୍ ଷ୍ଟାଡିୟମ୍ ଠାରେ ଆୟୋଜିତ ସିକ୍କିମ୍ ୫୦ତମ ରାଜ୍ୟ ପ୍ରତିଷ୍ଠା ସମାରୋହର ଆଜି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର୍, ମୁଖ୍ୟମନ୍ତ୍ରୀ ପ୍ରେମସିଂହ ତମଙ୍ଗ ଗୋଲେ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ତଥା ସାଂସଦ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ସିକ୍କିମ୍ ରାଜ୍ୟ ପାଇଁ ୪ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶ୍ରୀ ମୋଦୀ ଏହି ଅବସରରେ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଭିତ୍ତିଭୂମି ବିକାଶ, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶକ୍ତି, ନଗର ଉନ୍ନୟନ, ପରିବେଶ, ପର୍ଯ୍ୟଟନ ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ର ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ଗସ୍ତ ଅବସରରେ ଶ୍ରୀ ମୋଦୀ ନାମଚୀ ଜିଲ୍ଲାର ୟଙ୍ଗାଙ୍ଗ ଠାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ହସ୍ପିଟାଲ୍‌ର ଶିଳାନ୍ୟାସ କରିବେ । ଗ୍ୟାଙ୍ଗଟକ୍‌ର ରିଜ୍‌ପାର୍କ ଠାରେ ଅବସ୍ଥିତ ଅର୍କିଡାରିୟମ୍ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଇଲେକ୍‌ସନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ୭ଟି ଜିଲ୍ଲାର ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗତ ସନ୍ଧ୍ୟାରେ ଏହି ପର୍ଯ୍ୟାୟ ପାଇଁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥିଙ୍କ ସପକ୍ଷରେ ନିର୍ବାଚନୀ ସମାବେଶ, ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କାର୍ଯ୍ୟ କରାଯାଇଥିଲା । ଆସନ୍ତାମାସ ୪ ତାରିଖରେ ଉଭୟ ପର୍ଯ୍ୟାୟ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ରାଜନାଥ-ଏସ୍‌ସିଓ ମିଟିଂ

କିର୍‌ଗିଜ୍‌ସ୍ତାନର ବିସ୍‌କେକ୍ ଠାରେ ସାଂଘାଇ ସହଯୋଗ ସଂଗଠନ – ଏସ୍.ସି.ଓ. ବୈଠକରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେବେ । ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀ ଏହି ବୈଠକରେ ଯୋଗଦେଉଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ବୈଠକରେ ବୈଶ୍ୱିକ ସ୍ତରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ନେଇ ବିସ୍ତୃତ ଆଲୋଚନା

ହେବ । ଏଥିସହ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ନେଇ ଭାରତର ଅଙ୍ଗୀକାରବଦ୍ଧତା ଉପରେ ସେ ଆଲୋକପାତ କରିବେ । ଆତଙ୍କବାଦୀ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପ୍ରତି ଭାରତର ଶୂନ୍ୟ ସହନଶୀଳ ନୀତି ସମ୍ପର୍କରେ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଶ୍ରୀ ସିଂହ ଅବଗତ କରାଇବେ ବୋଲି କହିଛନ୍ତି । ବିଭିନ୍ନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏହି ଅବସରରେ ଦ୍ୱିପାକ୍ଷିକ ବୈଠକ ଆଲୋଚନା ହେବା ନେଇ କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ସାଉଥ୍ ଆଫ୍ରିକା-ଇଣ୍ଡିଆ

ମୁମ୍ବାଇ ସ୍ଥିତ ଦକ୍ଷିଣ ଆଫ୍ରିକା କନ୍‌ସଲ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟରେ ସେହି ଦେଶର ସ୍ୱାଧୀନତାର ୩୨ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । କନ୍‌ସଲ୍ ଜେନେରାଲ୍ ଗିଡେୟନ୍ ଲାବାନେ କହିଛନ୍ତି, ସାର୍ବଜନୀନ କୂଟନୈତିକ ପ୍ଲାଟ୍‌ଫର୍ମର ଏକ ଅଂଶସ୍ୱରୂପ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଦକ୍ଷିଣ ଆଫ୍ରିକା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ସେ କହିଛନ୍ତି, ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିପାକ୍ଷିକ ସମ୍ପର୍କ ବାଣିଜ୍ୟ ଏବଂ ନିବେଶ ପ୍ରୋତ୍ସାହନ ତଥା ବିଭିନ୍ନ କ୍ଷେତ୍ରରେ ସୁଦୃଢ଼ ରହିଆସିଛି ।

# ଇରାନ୍ ଷ୍ଟେଟ୍ ଅଫ୍ ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀକୁ ସାର୍ବଜନୀନ କ୍ଷେତ୍ର ପାଇଁ ପୁନଃ କାର୍ଯ୍ୟକ୍ଷମ କରିବା ସଂକ୍ରାନ୍ତ ପ୍ରସ୍ତାବ ଉପରେ ଇରାନ୍ ଗୁରୁତ୍ୱ ପ୍ରଦାନ କରିଛି । ଏଥିପାଇଁ କୂଟନୈତିକ ପ୍ରୟାସକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ପରମାଣୁ ଆଲୋଚନା ସହିତ ସଂଶ୍ଳିଷ୍ଟ ନ ହୋଇ ଏହି ପଦକ୍ଷେପ ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଅଲ୍ଲୀ ଆବାସା ଅର୍ଘାଚି ସୂଚନା ଦେଇଛନ୍ତି । ସେଣ୍ଟପିଟର୍ସ୍‌ବର୍ଗଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏବଂ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭାରୋଭ୍‌ଙ୍କ ସହ ଆଲୋଚନା କାଳରେ ଶ୍ରୀ ଅର୍ଘାଚି ଏ ନେଇ ମତବିନିମୟ କରିଛନ୍ତି ।

ବୈଠକ ପୂର୍ବରୁ ଶ୍ରୀ ଅର୍ଘାଚି କହିଥିଲେ, ଆମେରିକା କଥିତ ଯୁଦ୍ଧ ଉଦ୍ଦେଶ୍ୟ ହାସଲ କରିବାରେ ବିଫଳ ହେବାରୁ ଏକ ଦୁର୍ବଳ ସ୍ଥିତିରେ ରହିଛି । ସେଥିପାଇଁ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିଛି । ଇରାନ୍-ରୁଷ ସମ୍ପର୍କକୁ ରାଷ୍ଟ୍ରପତି ପୁତିନ୍ ଏକ ରଣନୈତିକ ସହଭାଗିତା ଭାବେ ବର୍ଣ୍ଣନା କରିବା ସହ ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ କାର୍ଯ୍ୟ ଜାରି ରହିବ ବୋଲି ଘୋଷଣା କରିଛନ୍ତି । ଇଣାନ୍ ଏହାର କୂଟନୈତିକ ପ୍ରୟାସକୁ ଅଧିକ ବ୍ୟାପକ କରିବା ସହ ପରମାଣୁ ଆଲୋଚନାକୁ ସାମିଲ ନ କରି ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା

ନେଇ ଏକ ପ୍ରସ୍ତାବ ଦେଇଛି । ଆନ୍ତର୍ଜାତିକ ସାମୁଦ୍ରିକ ସଂଗଠନ କହିଛି, ପ୍ରାୟ ୨୦ ହଜାର ନାବିକ ଏବେ ଉପସାଗରୀୟ ଅଞ୍ଚଳରେ ଅଟକି ରହିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ପକ୍ଷକୁ ଅନୁରୋଧ କରିଛନ୍ତି । ଜର୍ମାନୀ ଚାନ୍ସେଲର ଫେଡ୍ରିକ୍ ମର୍ଜ୍ ଓ୍ୱାଶିଂଟନ୍ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ।

ଅନ୍ୟ ପକ୍ଷରେ ଇରାନ୍‌ର ଏହି ପ୍ରସ୍ତାବ ଉପରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶର ଜାତୀୟ ସୁରକ୍ଷା ଦଳ ସହ ଆଲୋଚନା ଆରମ୍ଭ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ହ୍ୱାଇଟ୍‌ହାଉସ୍ ମୁଖପାତ୍ର କାରୋଲିନ୍ ଲିଭିଟ୍ କହିଛନ୍ତି, ଆଲୋଚନାର ନିଷ୍କର୍ଷ ନେଇ ଶ୍ରୀ ଟ୍ରମ୍ପ୍ ଘୋଷଣା କରିବେ ।

# ଓ୍ୱାର୍ଲ୍ଡ ଡେ ସେଫ୍ଟି ଆଣ୍ଡ ହେଲ୍‌ଥ

କର୍ମ କ୍ଷେତ୍ରରେ ସୁରକ୍ଷା ଏବଂ ଏ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱବ୍ୟାପି କର୍ମ ସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । କର୍ମ କ୍ଷେତ୍ରରେ ଦୁର୍ଘଟଣା ଏବଂ ଆହ୍ୱାନଗୁଡ଼ିକୁ ପ୍ରତିହତ କରିବା ନେଇ ଏକ ସୁରକ୍ଷିତ ସଂସ୍କୃତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଆନ୍ତର୍ଜାତିକ ଶ୍ରମ ସଂଗଠନ ପକ୍ଷରୁ

୨୦୦୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଉତ୍ତମ ମନୋସାମାଜିକ କାର୍ଯ୍ୟ ପରିବେଶ : ସମୃଦ୍ଧ ଶ୍ରମିକ ଓ ଦୃଢ଼ ସଂଗଠନ ପାଇଁ ମାର୍ଗ' ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଦିଲ୍ଲୀ କ୍ୟାପିଟାଲ୍ସ୍‌କୁ ୯ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ବେଙ୍ଗାଲୁରୁ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦିଲ୍ଲୀ କ୍ୟାପିଟାଲ୍ସ ୧୬ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୭୫ରନ୍ ସଂଗ୍ରହ କରିପାରିଥିଲା । ବେଙ୍ଗାଲୁରୁ ପକ୍ଷରୁ ଜୋସ୍ ହେଜଲଉଡ୍ ସର୍ବାଧିକ ୪ଟି ଏବଂ ଭୁବନେଶ୍ୱର କୁମାର ୩ ୱିକେଟ୍ ହାସଲ କରିଥିଲେ । ୭୬ରନ୍‌ର ବିଜୟ ଲକ୍ଷ୍ୟକୁ ବେଙ୍ଗାଲୁରୁ ସପ୍ତମ ଓଭରରେ ୧ ୱିକେଟ୍ ବିନିମୟରେ ହାସଲ କରିନେଇଥିଲା । ହେଜଲଉଡ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ପଞ୍ଜାବ କିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ନ୍ୟୁ ଚଣ୍ଡିଗଡ଼ର ମୁଲାନପୁର ଷ୍ଟାଡିୟମ୍ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

## ଫୁଟବଲ୍

ଏ.ଏଫ୍.ସି. ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୬ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ଦଳ ଚୀନ୍‌ର ସୁଜୌଠାରେ ପହଞ୍ଚିଛନ୍ତି । ଏହି ପ୍ରତିଯୋଗିତା ପାଇଁ ହରିଆଣାର ଗୁରଗାଓଁଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୨୧ ବର୍ଷ ପରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଭାରତ ଯୋଗ୍ୟତା  ଅର୍ଜନ କରିଛି । ଆସନ୍ତା ଶନିବାର ଦିନ ଗ୍ରୁପ୍-ବି ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ତାର ଅଭିଯାନ ଆରମ୍ଭ କରିବ । ୫ ତାରିଖରେ ଜାପାନ ଏବଂ ୮ ତାରିଖରେ ଲେବାନନ ସହ ମ୍ୟାଚ୍ ଖେଳିବ । ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକୁ ତିନୋଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇଟି ଦଳ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ । କ୍ୱାର୍ଟର ଫାଇନାଲ୍ ବିଜେତା ୪ଟି ଦଳ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତା ପାଇଁ

ଯୋଗ୍ୟତା ଅର୍ଜନ କରିବେ । ମରକ୍କୋଠାରେ ଏହି ବିଶ୍ୱ କପ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ଆଇଏମ୍‌ଡି ଓ୍ୱେଦର୍

ଦେଶର ବିଭିନ୍ନ ପ୍ରାନ୍ତରେ ଗ୍ରୀଷ୍ମ ପ୍ରକୋପ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଓଡ଼ିଶା, ଛତିଶଗଡ଼, ଗୁଜରାଟ, ରାୟାଲସୀମା, ତେଲଙ୍ଗାନା, ବିଦର୍ଭ ଏବଂ ପଶ୍ଚିମ ରାଜସ୍ଥାନରେ ଆଜି ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ଅନ୍ୟ ପକ୍ଷରେ ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ର ଏବଂ ସିକ୍କିମ୍‌ର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି । ପାଣିପାଗ ବିଭାଗ କହିଛି, ଦିଲ୍ଲୀ, ହରିଆଣା, ଚଣ୍ଡିଗଡ଼, ଉତ୍ତରପୂର୍ବ ରାଜ୍ୟର କେତେକ ଅଞ୍ଚଳ, ପଞ୍ଜାବ, ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ର ଏବଂ ଝାଡ଼ଖଣ୍ଡରେ ଆଜି ଧୂଳିଝଡ଼ ସହ ବର୍ଷାର ସମ୍ଭାବନା ରହିଛି । ଓଡ଼ିଶା, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ଲଦାଖ, କର୍ଣ୍ଣାଟର ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳ ଏବଂ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ଧୂଳିଝଡ଼ର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।